# NATIONAL NEWS BULLETIN (ODIA)

## 11 September - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସେମିକନ୍ ଇଣ୍ଡିଆ ୨୦୨୪ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଭାରତ ଓ ଜର୍ମାନୀ ମଧ୍ୟରେ ବ୍ୟାପକ ପ୍ରତିରକ୍ଷା ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।
- ମଙ୍କିପକ୍ସ ରୋଗର ପ୍ରତିରୋଧ କରିବା ଲକ୍ଷ୍ୟରେ ପ୍ରସ୍ତୁତି ତଥା ଜନସ୍ୱାସ୍ଥ୍ୟ ନୀତି କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେଲେ କେନ୍ଦ୍ର ସରକାର ।
- ସପ୍ତାହକ ମଧ୍ୟରେ ଶ୍ରୀଲଙ୍କା ମନ୍ତ୍ରିମଣ୍ଡଳରୁ ୯ ଜଣ ବହିଷ୍କୃତ ।

ଏବଂ

- ପୁରୁଷ ଏସୀୟ ହକି ଚାମ୍ପିୟନସିପ୍ ପ୍ରତିଯୋଗୀତାରେ ଆଜି ଭାରତ ଏବଂ ମାଲେସିଆ ମଧ୍ୟରେ ମୁକାବିଲା ।

# ପ୍ରଧାନମନ୍ତ୍ରୀ-ସେମିକନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେମିକନ୍ ଇଣ୍ଡିଆ ୨୦୨୪ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଗ୍ରେଟର ନଏଡ଼ା ଠାରେ ଆୟୋଜିତ ଏହି ସମ୍ମିଳନୀ ତିନି ଦିନ ଧରି ଚାଲିବ । ଏହାର ବିଷୟବସ୍ତୁ ରହିଛି, "ସେମିକଣ୍ଡକ୍ଟରର ଭବିଷ୍ୟତ ଆକାର" । ଏଥିରେ ଦେଶର ସେମିକଣ୍ଡକ୍ଟରକୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ ହେବ । ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ବିଶ୍ୱର ଏକ କେନ୍ଦ୍ର ଭାବେ ପ୍ରତିପାଦନ କରିବା ଲାଗି ଏହି ସମ୍ମିଳନୀ ବିଶେଷ ସହାୟକ ହେବ । ଏଥିରେ ବିଶ୍ୱ ସେମିକଣ୍ଡକ୍ଟର କମ୍ପାନୀ ଗୁଡ଼ିକର ଶୀର୍ଷ ନେତୃତ୍ୱ ଅଂଶଗ୍ରହଣ କରୁଛନ୍ତି । ଏହି ସମ୍ମିଳନୀରେ ପାଖାପାଖି ଦେଢ଼ ଶହ ବକ୍ତା ନିଜର ମତ ଉପସ୍ଥାପନ କରିବେ । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୨୫୦ରୁ ଅଧିକ ଲୋକ ଏଥିରେ ଯୋଗଦେଉଛନ୍ତି । ବିଶ୍ୱରେ ସେମିକଣ୍ଡକ୍ଟର କ୍ଷେତ୍ରର ଅଭିବୃଦ୍ଧିରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମିକଣ୍ଡକ୍ଟର ଇକୋ ସିଷ୍ଟମ୍‌ର ବିଭିନ୍ନ ଦିଗ ଉପରେ ବିଚାରବିମର୍ଷ କରିବା ଲାଗି ଏହି ସମ୍ମିଳନୀ ଭିତ୍ତିଭୂମି ପ୍ରଦାନ କରିବ ।

ନୂଆଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗତକାଲି ସେମିକଣ୍ଡକ୍ଟର କମ୍ପାନୀର ଅଧିକାରୀଙ୍କ ରାଉଣ୍ଡ ଟେବୁଲ୍ ବୈଠକରେ ଶ୍ରୀ ମୋଦୀ ଅଧକ୍ଷତା କରିଥିଲେ । ସେମିକଣ୍ଡକ୍ଟର ହେଉଛି ଡିଜିଟାଲ୍ ଯୁଗର ଆଧାର ଏବଂ ଏହି ଶିଳ୍ପ ଭବିଷ୍ୟତରେ ଅନେକ ମୌଳିକ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ମେକ୍ ଇନ୍ ଇଣ୍ଡିଆ ଏବଂ ମେକ୍ ଫର୍ ଦି ୱାର୍ଲ୍ଡକୁ ଦୃଷ୍ଟିରେ ରଖି ସରକାର ଶିଳ୍ପ କ୍ଷେତ୍ରକୁ ସମର୍ଥନ ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେମିକଣ୍ଡକ୍ଟର ଶିଳ୍ପର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଏହି କ୍ଷେତ୍ରର ଅଭିବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ।

## ଏସ୍. ଜୟଶଙ୍କର-ଭାରତ ଓ ଜର୍ମାନୀ

ଭାରତ ଓ ଜର୍ମାନୀ ମଧ୍ୟରେ ବ୍ୟାପକ ପ୍ରତିରକ୍ଷା ସହଯୋଗ ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆହ୍ୱାନ ଦେଇଛନ୍ତି । ବର୍ଲିନ୍ ସ୍ଥିତ ଜର୍ମାନ୍ ବୈଦେଶିକ କାର୍ଯ୍ୟାଳୟରେ ବାର୍ଷିକ ରାଷ୍ଟ୍ରଦୂତ ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର ରପ୍ତାନୀ କ୍ଷେତ୍ରକୁ ଅଧିକ ସରଳ କରିବା ଲାଗି ୟୁରୋପୀୟ ରାଷ୍ଟ୍ରକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ପ୍ରତିରକ୍ଷା ସହଯୋଗ ଉପରେ ଅଧିକ ବିଚାରବିମର୍ଷ କରିବାର ଆବଶ୍ୟକତା ରହିଛି । ଜର୍ମାନୀ ସହ ନିରନ୍ତର ଭାଗିଦାରୀ ବିକାଶ ସନ୍ତୋଷ ଜନକ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଉଭୟ ଦେଶ ୩ ଦଶମିକ୍

୨/୨ ୟୁରୋର ୩୮ଟି ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଡକ୍ଟର ଜୟଶଙ୍କର କୃତ୍ରିମ ବୁଦ୍ଧିମତା, ସବୁଜ ଉଦ୍ୟାନ, ମହାକାଶ, ସେମିକଣ୍ଡକ୍ଟର କ୍ଷେତ୍ରରେ ଭାଗିଦାରୀତା ଉପରେ ଆଲୋକପାତ କରିଛନ୍ତି ।

ଡକ୍ଟର ଜୟଶଙ୍କର ଗତକାଲି ତାଙ୍କ ଜର୍ମାନ ପ୍ରତିପକ୍ଷ ଆନାଲେନା ବେର୍ବୋକ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିପ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ପଶ୍ଚିମ ଏସିଆର ପରିସ୍ଥିତି ଏବଂ ଏହାର ପ୍ରଭାବ ସମେତ ବିଭିନ୍ନ ଆନ୍ତର୍ଜାତିକ ତଥା ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଆସନ୍ତା ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜର୍ମାନୀ ବ୍ୟବସାୟୀଙ୍କର ଏସୀୟ-ପ୍ରଶାନ୍ତ ମହାସାଗରୀୟ ସମ୍ମିଳନୀକୁ ଡକ୍ଟର ଜୟଶଙ୍କର ସ୍ୱାଗତ କରିଛନ୍ତି ।

## ପଶ୍ଚିମବଙ୍ଗ-ଡାକ୍ତର ସୁରକ୍ଷା

ପଶ୍ଚିମବଙ୍ଗର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଗତ ସନ୍ଧ୍ୟାରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ସନ୍ଧ୍ୟା ୬ଟାରେ ଏକ ବୈଠକ ନେଇ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ଡାକ୍ତରଙ୍କୁ ଇମେଲ୍ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ । ତେବେ ମୁଖ୍ୟମନ୍ତ୍ରୀ ଅପେକ୍ଷା

କରିଥିଲେ ମଧ୍ୟ କନିଷ୍ଠ ଡାକ୍ତରୀ ସଂଘର କୌଣସି ପ୍ରତିନିଧି ବୈଠକରେ ଯୋଗଦେଇ ନ ଥିଲେ ।

ଅନ୍ୟ ପକ୍ଷରେ କନିଷ୍ଠ ଡାକ୍ତରୀ ସଂଘ କହିଛି, ସ୍ୱାସ୍ଥ୍ୟ ସଚିବଙ୍କ ଇସ୍ତଫା ଦାବି କରାଯାଇଛି, ତେଣୁ ବୈଠକ ନେଇ ତାଙ୍କ ଦ୍ୱାରା ପ୍ରଦତ୍ତ କୌଣସି ପ୍ରକାର ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଯୋଗାଯୋଗର ଭାଷା ଅସମ୍ମାନ ଜନକ ଏବଂ ସମ୍ବେଦନତାହୀନ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ।

ସୂଚନା ଯୋଗ୍ୟ ପଶ୍ଚିମବଙ୍ଗ କନିଷ୍ଟ ଡାକ୍ତରମାନେ ଗତକାଲି ଅପରାହ୍ଣ ୫ଟା ସୁଦ୍ଧା ସେମାନଙ୍କର କାର୍ଯ୍ୟରେ ଯୋଗଦେଇ ନାହାନ୍ତି । ଅନ୍ୟ ପକ୍ଷରେ କନିଷ୍ଟ ଡାକ୍ତରୀ ସଂଘ ପକ୍ଷରୁ କୋଲକାତା ସଲ୍ଟଲେକ୍ ସ୍ଥିତ ସ୍ୱାସ୍ଥ୍ୟ ଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ । ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କ ଇସ୍ତଫା ଦାବି କରିଥିଲେ ।

# ଗଭ୍-ମଙ୍କିପକ୍ସ

ମଙ୍କିପକ୍ସ ରୋଗର ପ୍ରତିରୋଧ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପ୍ରସ୍ତୁତି ତଥା ଜନସ୍ୱାସ୍ଥ୍ୟ ନୀତି କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେଇଛନ୍ତି । ସମ୍ଭାବ୍ୟ ମଙ୍କିପକ୍ସ ମାମଲା ଗୁଡ଼ିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଉଛି । ସାଧାରଣତଃ ପିଲାଙ୍କ ଠାରେ ଏହି

ରୋଗର ପ୍ରାଦୁରଭାବ ଅଧିକ ଦେଖିବାକୁ ମିଳିଥାଏ । ବିଶେଷଜ୍ଞ ପରାମର୍ଶ, ବ୍ୟାପକ ତଦାରଖ, ନମୁନା ପରୀକ୍ଷଣ ଏବଂ ସଚେତନତା ଅଭିଯାନକୁ ନେଇ ଦେଶରେ ଏକ ରଣନୈତିକ ପଦକ୍ଷେପ ଗ୍ରହଣ କରାଯାଇଛି । ସତର୍କ ରହିବା ସହ ସନ୍ତୁଳିତ ଆଭିମୁଖ୍ୟ ମାଧ୍ୟମରେ ସଂକ୍ରମଣକୁ ହ୍ରାସ କରାଯାଇପାରିବ । ଗତ ଅଗଷ୍ଟ ମଧ୍ୟଭାଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଫ୍ରିକାର ଅନେକ ସ୍ଥାନରୁ ମଙ୍କିପକ୍ସ ମାମଲା ବୃଦ୍ଧିକୁ ନେଇ ଆନ୍ତର୍ଜାତିକ ସ୍ତରରେ ଚିନ୍ତାବ୍ୟକ୍ତ କରିବା ସହ ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲା ।

## ପିଏମ୍ଏସ୍ଏସ୍ୱାଇ ରାଜୀବ ରଂଜନ

ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବାକୁ ଥିବା ମତ୍ସ୍ୟ କିଶାନ୍ ସମୃଦ୍ଧି ସହ-ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିବେ । ମତ୍ସ୍ୟ ଓ ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ଆରମ୍ଭ କରାଯାଇଥିବା ଜାତୀୟ ପ୍ରାଥମିକତା ପ୍ରକଳ୍ପ ଗୁଡ଼ିକ ଉପରେ ଆଲୋଚନା କରାଯିବ । ମତ୍ସ୍ୟ ଉତ୍ପାଦନ ଏବଂ ପ୍ରକ୍ରିୟାକରଣ କ୍ଲଷ୍ଟର ଉପରେ ପରିଚାଳନାଗତ ମାର୍ଗଦର୍ଶିକାକୁ ଉନ୍ମୋଚନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂହ ବାଘେଲ ଏବଂ ଜର୍ଜ କୁରିୟାନ୍, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମତ୍ସ୍ୟ ବିଭାଗର ପ୍ରତିନିଧି, ଏହି ଯୋଜନାର ହିତାଧିକାରୀ ପ୍ରମୁଖ ଯୋଗଦେବେ ।

## ଭାରତ-ୟୁଏଇ

ଭାରତ ଓ ୟୁ.ଏ.ଇ. ମଧ୍ୟରେ ଦୁଇଟି ବ୍ୟବସାୟିକ ସମ୍ପର୍କ ଫଳାଫଳ ଉପରେ ସହମତି ପ୍ରକାଶ ପାଇଛି । ଆବୁଧାବିର ଯୁବରାଜ ଶେଖ୍ ଖଲିଦ୍ ବିନ୍ ମହମ୍ମଦ୍ ବିନ୍ ଜାଏଦ୍ ଅଲ୍ ନ୍ୟାହିୟାଁଙ୍କ ମୁମ୍ବାଇ ଗସ୍ତ ଅବସରରେ ଗତକାଲି ଏହି ସହମତି ହୋଇଛି । ଭାରତ-ୟୁ.ଏ.ଇ. ଭର୍ଚୁଆଲ୍ ବାଣିଜ୍ୟ କରିଡ଼ର ଏବଂ ଏମ୍.ଏ.ଆଇ.ଟି.ଆର୍.ଆଇ ଇଣ୍ଟର ଫେସ୍ ଉପରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଦୁଇ ଦେଶ ସହମତି ପ୍ରକାଶ କରିଛନ୍ତି ।

## ଶ୍ରୀଲଙ୍କା-ମନ୍ତ୍ରୀ ବରଖାସ୍ତ

ଶ୍ରୀଲଙ୍କା ରାଷ୍ଟ୍ରପତି ରନୀଲ ବିକ୍ରମ ସିଂଘେ ମନ୍ତ୍ରିମଣ୍ଡଳରୁ ୫ ଜଣ ମନ୍ତ୍ରୀଙ୍କୁ ବରଖାସ୍ତ କରିଛନ୍ତି । ସେମାନେ ହେଲେ – ଗୀତା କୁମାର ସିଂଘେ, ଶଶିନ୍ଦ୍ର ରାଜପକ୍ଷ, ଅମିତ ଥେନୁକା ଭିଡ଼ଙ୍ଗାମାଗେ, ପ୍ରସନ୍ନା ରଣବୀରା ଏବଂ ଡି.ଭି. ଚଣକ ।

ସୂଚନା ଯୋଗ୍ୟ ଗତ ସପ୍ତାହରେ ମଧ୍ୟ ରାଷ୍ଟ୍ରପତି ୪ ଜଣ ମନ୍ତ୍ରୀ ପ୍ରେମଲାଲ ଜୟଶେଖର, ଇନ୍ଦିକା ଅନିରୁଦ୍ଧ, ମୋହନ ପ୍ରିୟଦର୍ଶନା ଡି ସିଲ୍ଭା ଏବଂ ସିରିପାଲା ଗମଲାଥଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇ ଦେଇଥିଲେ । ଏହି ୯ଜଣ ଯାକ ମନ୍ତ୍ରୀ ଏସ୍.ଏଲ୍.ପି.ପି. ଦଳର ରାଷ୍ଟ୍ରପତି ପ୍ରାର୍ଥୀ ନମଲ୍ ରାଜପକ୍ଷେଙ୍କୁ ସମର୍ଥନ ଜଣାଇଛନ୍ତି । ଆସନ୍ତା ୨୧ ତାରିଖରେ ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ।

## ୟୁଏନ୍-ଜେନେରାଲ୍ ଆସେମ୍ବ୍ଲି

ଜାତିସଂଘ ସାଧାରଣ ସଭା ୟୁ.ଏନ୍.ଜି.ଏ.ର ୭୯ତମ ଅଧିବେଶନ ଗତକାଲି ନ୍ୟୁୟର୍କ ଠାରେ ଆରମ୍ଭ ହୋଇଛି । ୟୁ.ଏନ୍.ଜି.ଏ.ର ନବନିର୍ବାଚିତ ସଭାପତି ଫିଲେମାନ୍ ୟାଙ୍ଗ୍ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ, ବୃଦ୍ଧି ପାଉଥିବା ସଂଘର୍ଷ ଏବଂ ନିରନ୍ତର ବିକାଶରେ ମାନ୍ଦାବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁକାବିଲା ପାଇଁ ଦୃଢ଼ ଆନ୍ତର୍ଜାତିକ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଏଭଳି ପରିସ୍ଥିତି ପୃଥିବୀକୁ ବିପର୍ଯ୍ୟସ୍ତ କରିବା ସହ ଜନଜୀବନକୁ ବିପଦରେ ପକାଉଛି । ସୁଦାନରୁ ହାଇତି ଏବଂ ୟୁକ୍ରେନ୍‌ରୁ ଗାଜାଷ୍ଟ୍ରିପ୍ ପର୍ଯ୍ୟନ୍ତ ଚାଲିଥିବା ସଂଘର୍ଷ ତଥା ହିଂସା ଉପରେ ଆଲୋକପାତ କରି ସେ କହିଛନ୍ତି, ସମଗ୍ର ବିଶ୍ୱରେ ତେବେ ବିନାଶ, ମୃତ୍ୟୁ ଏବଂ ଦୁଃଖର ବାତାବରଣ ଦେଖିବାକୁ ମିଳୁଛି ।

ସୁରକ୍ଷା ପରିଷଦରେ ସଂସ୍କାର ଆଣିବା, ସାଧାରଣ ସଭାକୁ ପୁନର୍ଜୀବିତ କରିବା ଆଦି ପ୍ରସଙ୍ଗ ଉପରେ ଶ୍ରୀ ୟଙ୍ଗ୍ ଆଲୋପାତ କରିଛନ୍ତି ।

## ହକି-ଏସିଆନ୍ ଚାମ୍ପିୟନ୍‌ସିପ୍

ଚୀନ୍‌ର ହୁଲୁନ୍‌ବୁର୍ ଠାରେ ଚାଲିଥିବା ପୁରୁଷ ଏସୀୟ ହକି ଚାମ୍ପିୟନ୍‌ସିପ୍ ପ୍ରତିଯୋଗୀତାରେ ଆଜି ଭାରତ ଏବଂ ମାଲେସିଆ ମଧ୍ୟରେ ମୁକାବିଲା ହେବ । ପୂର୍ବ ମ୍ୟାଚ୍ ଗୁଡ଼ିକରେ ଭାରତ' ଚୀନ୍‌କୁ ୩-୦ ଏବଂ ଜାପାନ୍‌କୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ଗ୍ରୁପ୍ ପର୍ଯ୍ୟାୟ ତାଲିକାରେ ଭାରତ ଏହି ଦୁଇଟି ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି । ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଗ୍ରୁପ୍ ପର୍ଯ୍ୟାୟର ତାଲିକାର ପ୍ରଥମ ଚାରୋଟି ସ୍ଥାନରେ ଥିବା ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ । ୧୬ ତାରିଖ ଦିନ ସେମିଫାଇନାଲ୍ ଏବଂ ୧୭ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଚେସ୍ ଅଲମ୍ପିଆଡ୍

୪୫ତମ ଫିଡେ ଚେସ୍ ଅଲମ୍ପିଆଡ୍ ପ୍ରତିଯୋଗିତା ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟ ଠାରେ ଆଜିଠାରୁ ଆରମ୍ଭ ହେଉଛି । ୧୯୩ଟି

ରାଷ୍ଟ୍ରର ୧୮୦୦ ପ୍ରତିଯୋଗୀ ଏଥିରେ ଭାଗ ନେଉଛନ୍ତି । ମହିଳା ବର୍ଗ ପ୍ରତିଯୋଗିତାରେ ୧୮୧ ଜଣ ଅଂଶଗ୍ରହଣ କରୁଛନ୍ତି । ଭାରତ ଏହି ପ୍ରତିଯୋଗିତାରେ ଏକ ଦୃଢ଼ ଦଳ ଭାବେ ଅଂଶଗ୍ରହଣ କରୁଛି । ଡି.ଗୁକେଶ, ଅର୍ଜୁନ ଏରିଗେଇସି, ଆର୍. ପ୍ରଗ୍ନାନ୍ଧା, ବିଦିତ୍ ଗୁଜୁରାଠୀ, ପି. ହରିକ୍ରିଷ୍ଣନ୍ ଭାରତୀୟ ଦଳର ପ୍ରତିନିଧିତ୍ୱ କରୁଛନ୍ତି । ସେହିପରି ଭାରତ ପକ୍ଷରୁ ମହିଳା ଦଳରେ ଦ୍ରୋନାଭାଲି ହରିକା, ଆର୍. ବୈଶାଳୀ, ଦିବ୍ୟା ଦେଶମୁଖ, ଭକ୍ତିକା ଅଗ୍ରୱାଲ ଏବଂ ତାନିଆ ସଚଦେବ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାର ପୂର୍ବ ସଂସ୍କାରଣ ଭାରତରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓପନ୍ ଏବଂ ମହିଳା ବର୍ଗରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା ।